# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 June – 2025**

# ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ରଥ-ପଥ-ଭକ୍ତ ପ୍ରସ୍ତୁତ ହୋଇଛନ୍ତି । ସମୟନିର୍ଘଣ୍ଟ ଅନୁଯାୟୀ ଠାକୁରଙ୍କର ନୀତିକାନ୍ତି ଚାଲିଛି । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବାନେଇ ନୀତିନିର୍ଘଣ୍ଟ ସ୍ଥିର ହୋଇଛି । ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡଦାଣ୍ଡରେ ଶ୍ରଦ୍ଧାଳୁଙ୍କର ଭିଡ଼ ବଢ଼ିବାରେ ଲାଗିଛି । ଏ ସମ୍ପର୍କରେ ଏକ ରିପୋର୍ଟ...

**V/O**

ରଥଯାତ୍ରା ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଏବଂ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବସ୍‌ସେବାର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁଙ୍କୁ ମାଗଣାରେ ସେବା ଯୋଗାଇଦେବା ଲକ୍ଷ୍ୟନେଇ ପ୍ରଶାସନ ପକ୍ଷରୁ ୨୦୦ ଅଟୋରିକ୍ସା ଚଳାଚଳ କରୁଛି ।

# ଏମ୍‌ଏସ୍‌ଏମ୍‌ଇ ଦିବସ

ଦେଶର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ଏମ୍‌ଏସ୍‌ଏମ୍‌ଇ ଦିବସ ପାଳନ କରାଯାଉଛି । ଏହି ଅବସରରେ

ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବାକୁଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଅଧିକ ଗତିଶୀଳ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଏକ୍ସିୟମ-୪

ଭାରତୀୟ ମହାକାଶଚାରୀ ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ଗତକାଲି ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ଆଇଏସ୍ଏସ୍‌ରେ ପହଞ୍ଚିଛନ୍ତି । ସେଠାରେ ପହଞ୍ଚିବାରେ ଶ୍ରୀ ଶୁକ୍ଳା ହେଉଛନ୍ତି ପ୍ରଥମ ଭାରତୀୟ । ଏକ୍ସିୟମ-୪ ମିଶନ ଅଧୀନରେ ମହାକାଶଚାରୀଙ୍କୁ ନେଇ ଯାଇଥିବା ମହାକାଶ ଯାନ ଭାରତୀୟ ସମୟ ଅପରାହ୍ଣ ୪ଟା ୧ ମିନିଟ୍‌ରେ ଆଇଏସ୍ଏସ୍ ସହ ସଂଯୁକ୍ତ ହୋଇଥିଲା । ନିଜ ବାର୍ତ୍ତାରେ ଶ୍ରୀ ଶୁକ୍ଳା କହିଛନ୍ତି ମହାକାଶରେ ପ୍ରତିଟି ଦୃଶ୍ୟ ଏବଂ ମୁହୂର୍ତ୍ତକୁ ସେ ଉପଭୋଗ କରୁଛନ୍ତି ।

# କାର୍ଯ୍ୟନିବୃତ୍ତି-ଅର୍ଥପ୍ରଦାନ

ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ସାମୟିକ କର୍ମଚାରୀଙ୍କ କାର୍ଯ୍ୟ ନିବୃତ୍ତି ସମୟରେ ଏକକାଳୀନ ଅର୍ଥପ୍ରଦାନ ରାଶି ଅଢ଼େଇଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ପୂର୍ବରୁ ଏହା ଦେଢ଼ଲକ୍ଷ ଟଙ୍କା ରହିଥିଲା ।

ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିବା କର୍ମଚାରୀ ଗ୍ରାଚୁଇଟି ବାବଦରେ ଏହି ଅର୍ଥ ରାଶି ପାଇବେ ।

## ବୈଠକ-ଜଳସେଚନ ସୁବିଧା

ରାଜ୍ୟରେ ଆଗାମୀ ୫ ବର୍ଷ ମଧ୍ୟରେ ୯ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ଓଡ଼ିଶା ଉଠା ଜଳସେଚନ ନିଗମ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ନିଗମର ପରିଚାଳନା ନିର୍ଦ୍ଦେଶକ ସ୍ୱଧା ଦେବ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ସ୍ଥିତି ନେଇ ବୈଠକରେ ସମୀକ୍ଷା କରାଯିବା ସହ ବିଭିନ୍ନ ସ୍ତରରେ ଦେଖାଦେଇଥିବା ଆହ୍ୱାନ ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ଉପରେ ଆଲୋଚନା ହୋଇଛି ।

## କୋଟିଆ-ସ୍ୱତନ୍ତ୍ର କମଟି ଗଠନ

କୋରାପୁଟ ଜିଲ୍ଲା ସୀମାନ୍ତ କୋଟିଆ ସୀମାବିବାଦ ସମାଧାନ ଲକ୍ଷ୍ୟ ନେଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏହି କମିଟି ଖୁବ୍‌ଶୀଘ୍ର କୋଟିଆ ଗସ୍ତ କରି ପରିସ୍ଥିତିର ଅନୁଧ୍ୟାନ କରିବା ସହ ସୀମାବିବାଦ ସମାଧାନ ନେଇ ଆବଶ୍ୟକ ପରାମର୍ଶ ପ୍ରଦାନ କରିବ । କୋଟିଆଠାରେ ଆସନ୍ତାକାଲି ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହି

ପ୍ରତିନିଧି ମଣ୍ଡଳୀ ସେଠାକୁ ଗସ୍ତରେ ଯିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

## ଶିଳ୍ପ ସମାଗମ ମେଳା

ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁପଟ୍ଟନାୟକ ଖେଳପଡ଼ିଆଠାରେ ଶିଳ୍ପ ସମାଗମ ମେଳା ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍ କା ସାଥ୍, ସବ୍ କା ବିକାଶ' ନୀତି ଦ୍ୱାରା ପରିଚାଳିତ ଏହି ମେଳା ଅନୁସୂଚିତ ଜାତି, ପଛୁଆବର୍ଗ, ସଫେଇ ମିତ୍ର ଏବଂ ଡିଏନ୍‌ଟି କାରିଗରଙ୍କୁ ସଶକ୍ତ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଛି । ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ୧୪ଟି ରାଜ୍ୟରେ ୭୫ରୁ ଅଧିକ କାରିଗର ଏହି ମେଳାରେ ଅଂଶଗ୍ରହଣ କରୁଛନ୍ତି ।

## ଡେଙ୍ଗୁ-ବୈଠକ

ଖୋର୍ଦ୍ଧା ଜିଲ୍ଲାରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ଏବଂ ପ୍ରତିକାର ସଂକ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନାଳନର୍ଦ୍ଦମା ସଫେଇ, ମଶାଧୂଆଁ ପ୍ରୟୋଗ ଏବଂ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱପ୍ରଦାନ କରାଯାଇଛି ।

# ସନ୍ତରଣ ପ୍ରତିଯୋଗିତା

ଜାତୀୟ ସିନିୟର ସନ୍ତରଣ ପ୍ରତିଯୋଗିତାରେ କର୍ଣ୍ଣାଟକ ଚମ୍ପିଆନ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଇନ୍‌ଡୋର ଜଳକ୍ରୀଡ଼ା କେନ୍ଦ୍ରଠାରେ ଚାଲିଥିବା ଏହି ୭୮ତମ ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଛି । ଏଥିରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୩ଟି କାଂସ୍ୟପଦକ ସହ ମୋଟ୍ ୬ଟି ପଦକ ହାସଲ କରିଛି ।

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଏହାର ପ୍ରଭାବରେ ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଛି । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ମଧ୍ୟ ରାଜ୍ୟର ବିଭିନ୍ନ ବର୍ଷା ହେବ । ସମ୍ବଲପୁର, ବରଗଡ, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।